## ଏଲ୍‌ବିଏସ୍‌ଏନ୍‌ଏଏ ନିର୍ଦ୍ଦେଶକଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର, ୮।୩ (ଦିଲୀପ ସାମଲ)

ଉତ୍ତରାଖଣ୍ଡର ମସୌରୀସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ଏଲ୍‌ବିଏସ୍‌ଏନ୍‌ଏଏ)ର ନିର୍ଦ୍ଦେଶକ ଶ୍ରୀରାମ ତାରଣିକାନ୍ତି ଗଞ୍ଜାମ ଜିଲା ଗସ୍ତ କରିଛନ୍ତି। ସେ ଛତ୍ରପୁରରେ ପହଞ୍ଚି ଜିଲାପାଳଙ୍କ କାର୍ଯ୍ୟାଳୟ ରେ କୃଷି ଓ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ମହିଳା ଓ ଶିଶୁ ବିକାଶ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଜିଲାପାଳ ଭି. କିର୍ତ୍ତୀଭାସନ ସମସ୍ତ ଯୋଜନା ସମ୍ପର୍କରେ ତାଙ୍କୁ ଜଣାଇଥିଲେ।

## ମହେନ୍ଦ୍ରଗିରିରେ ଶାନ୍ତି ଭଙ୍ଗ କରୁଛନ୍ତି ଅନୁପ୍ରବେଶକାରୀ

ପାରଳାଖେମୁଣ୍ଡି,୮।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ମହେନ୍ଦ୍ରଗିରି ପର୍ବତ ଅଞ୍ଚଳ କ୍ରମଃଶ କିଛି ବର୍ଷ ହେଲା କିଛି ଅନୁପ୍ରବେଶକାରୀଙ୍କ ଉପସ୍ଥିତି ଯୋଗୁ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅନୁପ୍ରବେଶକାରୀମାନେ ଏଠାରେ ଥିବା ଆଶ୍ରମ, ଇକୋ ରିସୋର୍ଟସ ଭଙ୍ଗାରୁଜା ଭଳି ଘଟଣା ଘଟାଉଛନ୍ତି। ପ୍ରଶାସନିକ କର୍ତ୍ତୃତ୍ୱ ଏଠାରେ ରହୁ ନ ଥିବାରୁ ଏପରି ଅଶାନ୍ତ ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ ଇକୋ ରିସୋର୍ଟସ ଭଙ୍ଗାରୁଜାକୁ ନେଇ ଗାରାବନ୍ଧା ଥାନାରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଦୁର୍ବୃତ୍ତଙ୍କୁ ଗିରଫ ଦାବି କରି ମହେନ୍ଦ୍ରଗିରି ଇକୋ ଡେଭେଲପମେଣ୍ଟ କମିଟି ଏବଂ ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରେ ମହେନ୍ଦ୍ରଗିରିରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ କରି ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷାମଞ୍ଚ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରି ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଆଦିବାସୀ,ପୂଜାରୀ ଓ ମଞ୍ଚ କର୍ମକର୍ତ୍ତା ଦାବି କରିଛନ୍ତି। ଏହି ସମୟରେ ମଞ୍ଚ ସଭାପତି ସୁରେନ୍ଦ୍ର ମଣ୍ଡଳ, ମହେନ୍ଦ୍ରଗିରି ପୂଜା କମିଟି ସଭାପତି ଏସ.କେ. ଶବର, ସମ୍ପାଦକ ନିରଞ୍ଜନ ଜାନି, ରାୟଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ମଞ୍ଚ ଅଭିଯୋଗ କରିଛି ଯେ, ମହେନ୍ଦ୍ରଗିରି ପୂଜା କମିଟି, ବାରଘର ଆଦିବାସୀମାନେ ପୀଢ଼ି ପୀଢ଼ି ଧରି ପରମ୍ପରା ଅନୁସାରେ ପୂଜା ଅର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକଳାପ କରି ଆସୁଛନ୍ତି। ଏହାକୁ ତରାନ୍ୱିତ କରିବାକୁ ମହେନ୍ଦ୍ରଗିରି ସାଂସ୍କୃତିକ କମିଟି ମଧ୍ୟ ରହିଛି। ମାତ୍ର ବର୍ତ୍ତମାନ କେତେ ଜଣ ଅନୁପ୍ରବେଶକାରୀ ଉକ୍ତ ଅଞ୍ଚଳରେ ବେନିୟମଭାବେ ବସବାସ କରି ଆମ ପୂଜାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ଏଥିସହ କେତେ ଜଣ ମୁଷ୍ଟିମେୟ ରାଜନେତା ଓ ଜଣେ ମନ୍ତ୍ରୀ ପ୍ରତ୍ନତତ୍ତ୍ୱ ବିଭାଗର ସବୁ ନିୟମ ଉଲ୍ଲଂଘନ କରି ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ବିଭିନ୍ନ ସ୍ଥାନରେ ଖୋଳା ଖୋଳି କରି କୃତ୍ରିମ ଲିଙ୍ଗ ଓ ମୂର୍ତ୍ତି ସ୍ଥାପନ କରୁଛନ୍ତି। ଏଥିରେ ସେମାନଙ୍କୁ ମାଡବା ଓ ବଡ଼ମାସିଂ ଗ୍ରାମର କେତେ ଜଣ ବ୍ୟକ୍ତି ସହାୟତା କରୁଥିବା ଦେଖିବାକୁ ମିଳୁଛି। ଏପରି କରିବା ଦ୍ୱାରା ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ପରିବେଶ ଓ ଧାର୍ମିକ ଭାବାବେଗ ନଷ୍ଟ ହେଉଥିବା ମଞ୍ଚ ଅଭିଯୋଗ କରିଛି।

## ୩ ବର୍ଷର ଝିଅ ସାନ୍‌ଭିକା ପାଇଲେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

ଧରାକୋଟ,୮।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)




ମାତ୍ର ୩ ବର୍ଷ ବୟସରେ ବିରଳ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି ଗଞ୍ଜାମ ଜିଲା ଧରାକୋଟ ମଝି ସାହିର ଶ୍ରଦ୍ଧାଞ୍ଜଳି ମହାନ୍ତି ଓ ରଞ୍ଜନ ଦାସଙ୍କ ଝିଅ ସାନ୍‌ଭିକା ଦାସ। ୧୦ ଫେବୃଆରୀ ୨୦୨୩ ରେ ଜନ୍ମ ଗ୍ରହଣ କରିଥିବା ସାନଭିକା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜକୁ ସାମିଲ କରିପାରିଛନ୍ତି। ଏହା ଧରାକୋଟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ତାଙ୍କ ନିକଟକୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି। ସାନ୍‌ଭିକା ୧୩ଟି ଯାନବାହନ, ୨୩ଟି ପନିପରିବା, ୧୨ଟି ପଶୁ, ୧୬ଟି ପକ୍ଷୀ, ୧୯ଟି ଫଳ, ୧୨ଟି ରଙ୍ଗ, ୨୦ଟି ଆକୃତି, ୧୩ଟି ଗଣିତର ସଙ୍କେତ, ୨୩ ଟି ଶରୀରର ଅଙ୍ଗ ପ୍ରତ୍ୟଙ୍ଗ, ୧୨ ଜଣ ଦେବାଦେବୀ, ୧୪ଟି ବିପରୀତ ବୋଧକ ଶବ୍ଦ, ୧୨ଟି ଜୀବିକା,୨୬ଟି ଇଂରାଜୀ ଅକ୍ଷର, ୮ଟି ଗ୍ରହ, ୭ ଦିନ, ୧୨ ମାସ, ୧୪ଟି ପାରିବାରିକ ସମ୍ବନ୍ଧ ଥିବା ଶବ୍ଦ ଓ ୨୦ ପର୍ଯ୍ୟନ୍ତ ଗଣନ ସଂଖ୍ୟା ସୀମିତ ସମୟରେ ନିଜେ କହିପାରୁଛନ୍ତି। ଆଇ.ବି.ଆର ସମ୍ମୁଖରେ ଏସବୁ ନିଖୁଣ ଭାବରେ କହି ସାନଭିକା ପୁରସ୍କାର ପାଇଁ ସେ ମନୋନୀତ ହୋଇଥିଲେ। ଫେବୃଆରୀ ୬ରେ ଆଇ.ବି.ଆର.ର ମୁଖ୍ୟ ସମ୍ପାଦକ ବି.ଆର. ଚୌଧୁରୀଙ୍କ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି। ଅନ୍ ଲାଇନ ଦ୍ୱାରା ସାନଭିକାଙ୍କ ମତ ନେବାପରେ ସମ୍ପୃକ୍ତ ସଂସ୍ଥା ତରଫରୁ ତାଙ୍କୁ ମନୋନୀତ କରାଯାଇଥିଲା। ନିଜ ଝିଅର ଏହି ପ୍ରତିଭାକୁ ନେଇ ମାଆ ଶ୍ରଦ୍ଧାଞ୍ଜଳି ଓ ବାପା ରଞ୍ଜନ କହିଛନ୍ତି ଯେ, ପିଲାଟି ଦିନରୁ ତାର ଆଚରଣ ଓ ଉଚ୍ଚାରଣ ଆମକୁ ଚକିତ କରିଥିଲା। ଏଣୁ ତାର ଏହି ବିରଳ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆମେ ଉଦ୍ୟମ କରିଆସୁଥିଲୁ। ଠିକ୍ ସମୟରେ ଈଶ୍ୱରଙ୍କ କୃପାରୁ ତାକୁ ଠିକ୍ ପ୍ଲାଟଫର୍ମ ମିଳିଛି। ଏଣୁ ତାର ଉଜ୍ଜ୍ୱଳ ଭବିଷ୍ୟତ ନେଇ ଆମେ ଆଶାବାଦୀ ହୋଇଛୁ। ସମ୍ପ୍ରତି ବିଶ୍ୱ ମହିଳା ଦିବସ ଅବସରରେ ସାନ୍‌ଭିକାଙ୍କୁ ଧରାକୋଟ ଖବରଦାତା ସଂଘ ଶୁଭେଚ୍ଛା ଜଣାଇଛନ୍ତି।

## ରାଇକିଆରେ ମହିଳା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରାଇକିଆ,୮।୩ (ପ୍ରଦୀପ ବେହେରା)

ରାଇକିଆ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ରବିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଡବ୍ଲୁଓ ଇଣ୍ଟରନେଶନାଲ ସହାୟତାରେ ମାଧ୍ୟମ ଫାଉଣ୍ଡେଶନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ରାଲିରେ ବାହାରି ପଞ୍ଚାୟତ ପରିକ୍ରମା କରିଥିଲେ। ଗୁମାମାହା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁମାମହା ସରପଞ୍ଚ ପ୍ରମିଳା ପ୍ରଧାନ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ, ମହିଳାଙ୍କ ଅଧିକାର ଏବଂ ଦେଶର ବିକାଶରେ ମହିଳାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ଆଇସିଡିଏସ୍ ସୁପରଭାଇଜର ବାସନ୍ତୀ ସେଠୀ, ଏଏସ୍‌ଆଇ ମାନସ ମାଝୀ, ଲକ୍ଷ୍ମଣ ଦିଗାଲ ଯୋଗ ଦେଇଥିଲେ। ଦଡ଼ିଙ୍ଗିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଶୋକ ପ୍ରଧାନ, ସାମାଜିକ କର୍ମୀ ମନୋଜ ଦିଗାଲ, ଜୀବିକା ମିଶନର ଜେମାମଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୁଗଡ଼ବାଡ଼ି ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମାଧ୍ୟମ ଫାଉଣ୍ଡେଶନର ପ୍ରୋଗ୍ରାମ ଅଫିସର ସଞ୍ଜୀବ କୁମାର ଖଣ୍ଡଗିରି , ସୌଭାଗ୍ୟ କୁମାର ମିଶ୍ର, ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ।

## ୧ ଲକ୍ଷ ୪୪ ହଜାରରୁ ଉର୍ଦ୍ଧ୍ୱ ମହିଳା ପାଇଲେ ସୁଭଦ୍ରା ଚତୁର୍ଥ କିସ୍ତି

ପାରଳାଖେମୁଣ୍ଡି,୮।୩(ଗିରିଧାରୀ ପରିଚ୍ଛା)

### ଅନ୍ତର୍ଜାତୀୟ ମହିଳା ଦିବସ


ବିଧାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଗଜପତି ଜିଲା ସଦରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅର୍ନ୍ତଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରାର ଚତୁର୍ଥ କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପଥ୍ୱୀରାଜ ମଣ୍ଡଳ, ପୌର ଅଧକ୍ଷା ନିର୍ମଳା ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଜିଲାର ୧ ଲକ୍ଷ ୪୪ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୫ ହଜାର ଲେଖାଏ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ସୁଭଦ୍ରା ବିଷୟରେ ଅନ୍ୟମାନଙ୍କୁ ସଚେତନ କରିବା ଓ ନିଜର ଆର୍ଥିକ ସମସ୍ୟାକୁ ଦୂର କରି ଏହି ଅର୍ଥର ସୁବିନିଯୋଗ କରି ନିଜକୁ ସୁଦୃଢ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ମହିଳାମାନଙ୍କ ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ସାମିଲ କରି ସେମାନଙ୍କୁ ଉଚିତ ସମ୍ମାନ ଦେବାକୁ ବିଧାୟକ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସୋଡ଼କ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

ପୋଲସରା, ୮।୩(ସୁଶାନ୍ତ ମହାରଣା)

ପୋଲସରା ବ୍ଲକ୍ ସୋଡ଼କ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡବଲ ଇଂଜିନ ସରକାରର ବିକାଶ ଉପରେ ଆଲୋକପାତ କରିବା ସହ ସୋଡ଼କ ପଞ୍ଚାୟତର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପୃଥ୍ୱୀବି ରାଜ ଭଞ୍ଜଦେଓଙ୍କ ତତ୍ତ୍ୱାବଧାନ ଓ ସରପଞ୍ଚ ଉତ୍କଳ ପ୍ରଧାନଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପଞ୍ଚାୟତର ବିକାଶକୁ ଗୁରୁତ୍ୱ ସାଙ୍ଗକୁ ଜନସାଧାରଣଙ୍କ କାର୍ଯ୍ୟକୁ ନେଇ ଭାଜପାରେ ସାମିଲ ହେଲୁ ବୋଲି ସରପଞ୍ଚ ଉତ୍କଳ ପ୍ରଧାନ କହିଥିଲେ। ଉକ୍ତ ମିଶ୍ରଣ ପର୍ବରେ ସମିତିସଭ୍ୟା ଗୀତାଞ୍ଜଳି ସେଠୀ, କିରଣ ମହାରଣା, ଯୁଗଳ ନାହାକ, ବିଦେନ୍ଦ୍ର ଭଞ୍ଜଦେଓ, ବିକ୍ରମ ଭଞ୍ଜ ସାମନ୍ତ ସମେତ ଅନ୍ୟମାନେ ସାମିଲ ଥିଲେ। ମନ୍ତ୍ରୀ ସେମାନଙ୍କୁ ଦଳୀୟ ଉପଢୌକନ ପକାଇ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜିକି କର୍ମୀ ପ୍ରଭାକର ପଣ୍ଡା, ଜଗନ୍ନାଥ ନଢେଇ, ରଘୁନାଥ ପଣ୍ଡା ସମେତ ଭାଜପାର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଭାଜପାରେ ସାମିଲ ହୋଇଥିବା କର୍ମୀ।

## କୋର୍ଟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଦିଗପହଣ୍ଡି,୮।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି କୋର୍ଟ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ସିଭିଲ ଜଜ ସିନିୟର୍ ଡିଭିଜନ କୋର୍ଟର ମାଜିଷ୍ଟ୍ରେଟ ମହାଶତୋ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗି ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ଭାବେ ଖେମୁଣ୍ଡି ଓକିଲ ସଂଘ ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ପ୍ରଦୀପ ନାୟକ, ପ୍ରାକ୍ତନ ସମ୍ପାଦକ କୁରେଶୁ ପଣ୍ଡା, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଏଏନ୍‌ଏମ୍ ମଞ୍ଜୁଳା କୁମାରୀ ମହାନ୍ତି, ପୂର୍ବତନ ସମିତି ସଭ୍ୟା ସରସତୀ ଗୌଡ଼ ଏବଂ ଅଙ୍ଗନୱାଡି କର୍ମୀ ଗାୟତ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଏବଂ ମହିଳାଙ୍କ ପାଇଁ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିବା ସହ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ସମ୍ମିଳିତ ଉଦ୍ୟମ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଚାର ବିଭାଗୀୟ କର୍ମଚାରୀ ସସ୍ମିତା ମହାରଣା, ଅଞ୍ଜଳି ମହାରଣାଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। ଆଇନ ସହାୟତା କମିଟି ସମ୍ପାଦକ ପ୍ରଦୀପ ପୁରୋହିତ ଧନ୍ୟବାଦ ଦେଇଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା ସଭା ହୋଇଛି। ଭିୟୁସ ଏବଂ ରେଷ୍ଟଲେସ ଅନୁଷ୍ଠାନ ମିଳିତ ଭାବେ କରିଥିବା ଏହି କାର୍ଯ୍ୟକ୍ରମରେ ପ୍ରିୟଙ୍କା ସାହୁ ସଂଯୋଜନା କରିଥିଲେ। ଟିକିଟି ବିଇଓ ପନ୍ନଗ ଭୂଷଣ ମାଝୀ, ଜିପିଏଲଏଫ ସୁଦେଷ୍ଣା ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଏମବିକେ ସୁନିତାରାଣୀ ପାତ୍ର, ସିଆରପି ସୁଜ୍ଞାନୀ ସାହୁ ଓ ଏଏନ୍‌ଏମ୍ ସୁଲୋଚନା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ୍ଦନା ସାହୁ, ବର୍ଷା ପାତ୍ର, ମହାପ୍ରସାଦ ମହାପାତ୍ର ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। **ଫଟୋ: ସଭାରେ ଉପସ୍ଥିତ ମହିଳା ।**

## ୟୁରୋ ସ୍କୁଲର ବାର୍ଷିକୋତ୍ସବ

ଛତ୍ରପୁର,୮।୩(ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ୟୁରୋ ସ୍କୁଲର ସପ୍ତମ ବାର୍ଷିକୋତ୍ସବ 'ଆରୋହଣ' ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶକ୍ତି ଏନ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ସୌଦାମିନୀ ମହାପାତ୍ର ଓ ଭାସ୍କର ମହପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ୟୁରୋ ସ୍କୁଲକୁ ପ୍ରଶଂସା କରିବା ସହ ଏଠାରେ ପାଠ ପଢୁଥିବା ପିଲା ଓ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିଭାବକ ତଥା ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସପି. ଶୁଭେନ୍ଦୁ କୁମାର ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଘୁମୁସର ଭଞ୍ଜନଗର ଡିଏଫଓ ବିପଶା ପାରଲୋ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଏକାଡେମୀ ନିର୍ଦ୍ଦେଶକ ପି.କେ. ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଏହି ଅନୁଷ୍ଠାନକୁ ମିଳିଥିବା ବିଭିନ୍ନ ସମ୍ମାନ ସମ୍ପର୍କରେ କହିଥିଲେ। ପ୍ରିନ୍ସପାଲ ତପସ୍ୱିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସର୍ବଭାରତୀୟ ସ୍ତରରେ ସିଲଭର ଜୋନ ଅଲମ୍ପିଆଡ ପରୀକ୍ଷାରେ ଅନୁଷ୍ଠାନର ତୃତୀୟ ଶ୍ରେଣୀ ଛାତ୍ରୀ ନ୍ୟାସା ପଟ୍ଟନାୟକ ପ୍ରଥମ ହୋଇଥିବାରୁ ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୃଷ୍ଠପୋଷକ ସସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ସେହିପରି ଉତ୍ତମ ଶିକ୍ଷାଦାନ ଓ ଦାୟିତ୍ୱବହନ ପାଇଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ପକ୍ଷରୁ ସ୍କୁଲ ଅଧ୍ୟକ୍ଷ ଓ ପୃଷ୍ଠପୋଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକଙ୍କ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ନୃତ୍ୟ ଶିକ୍ଷକ ପୂର୍ଣ୍ଣଞ୍ଜୟ ଜେନାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ବିଧାୟକଙ୍କ ସହ ଅନ୍ୟମାନଙ୍କୁ ଗ୍ରାମବାସୀଙ୍କ ସ୍ୱାଗତ

ଜଗନ୍ନାଥ ପ୍ରସାଦ,୮।୩(ବିଜୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ଅଧୀନ ରାଉତି ପଞ୍ଚାୟତ ବଡଦାଣ୍ଡଠାରେ ରବିବାର ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ନେତା ପ୍ରଭାକର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, ମହେନ୍ଦ୍ର କୁମାର ପଣ୍ଡା, ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ବିଡ଼ିପୁର ମଣ୍ଡଳ ସଭାପତି ଶଙ୍କର ନାରାୟଣ ପ୍ରଧାନ, କୁମ୍ପାପଡା ସମିତି ମେମ୍ବର ଲିଲି ସାହାଣୀ, ଅଢେଇ ଗାଁ ସରପଞ୍ଚ ଲକ୍ଷ୍ମୀକାନ୍ତ ବିଶୋଇ, ନାରାୟଣ ବେହେରା, ଗ୍ରାମ୍ୟ ସଭାପତି କାଶୀନାଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ବିଧାୟକ ଡବଲ ଇଂଜିନ ସରକାରର ସଫଳତା ଉପରେ ଆଲୋକପାତ କରିଥିଲେ। ଏଥିସହ ରାଉତି ଗ୍ରାମ ରାସ୍ତା ପାଇଁ ଆରଡି ଡିପାର୍ଟମେଣ୍ଟ ପକ୍ଷରୁ ୫ କୋଟି ଟଙ୍କାର ଅନୁଦାନ କରି ଟେଣ୍ଡର ପ୍ରକ୍ରିୟା ସରିଥିବା ବିଧାୟକ ନାୟକ ମତ ରଖିଥିଲେ।

## ୫୦ ଲକ୍ଷ ଖର୍ଚ୍ଚ କଲେ ଭଲ ହେବ ପୁଅ


ଧନଞ୍ଜୟ।

ମୋହନା,୮।୩(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ବାଙ୍କିଖୋଳି ଗାଁର କାଶୀନାଥ ନାୟକ ପୁଅ ଧନଞ୍ଜୟ ଅସ୍ଥିମଜ୍ଜା ରୋଗରେ ପୀଡିତ ହୋଇଛନ୍ତି। ଯେଉଁ ବୟସରେ ଖେଳ କୁଦ କରିପାଠ ପଢିବଢିବା ବୟସ ସେ ବୟସରେ ସେ ହୋଇପଡିଛନ୍ତି ଶଯ୍ୟାଶାୟୀ। ୮ ବର୍ଷର ଧନଞ୍ଜୟଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଗାଁରେ ବିଦ୍ୟାଳୟ ନ ଥିବାରୁ କାଶୀନାଥ ଧନଞ୍ଜୟଙ୍କୁ ମାମୁ ଘରେ ରହି ପାଠ ପଢିବାକୁ ଛାଡିଥିଲେ। ସେ ତୃତୀୟ ଶ୍ରେଣୀରେ ଭଲ ପାଠ ମଧ୍ୟ ପଢୁଥିଲେ। ସେ କିଛି ଦିନ ଟିଉସନ ଯାଉଥିଲେ। ସେଠାରେ ପାଠ ପଢ଼ିବା ବେଳେ ହଠାତ ଧନୁଞ୍ଜୟଙ୍କ ପାଟି ଫିଟିଲାନି କି କଥା ମଧ୍ୟ କହି ପାରିଲେନି। ଫଳରେ ତାଙ୍କୁ ପରିବାର ଲୋକେ ପ୍ରଥମେ ଆର. ଉଦୟଗିରି ଡାକ୍ତରଖାନା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ତଥାପି ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଆସିବାରୁ ସେଠାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ଧନଞ୍ଜୟ ଅସ୍ଥିମଜ୍ଜା ରୋଗରେ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିଲେ। ୨୧ ଦିନ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ରହି ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାଶୀନାଥଙ୍କୁ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ଏହି ରୋଗ ଭଲ ହେବ ବୋଲି କହିଥିଲେ। ଫଳରେ ଅର୍ଥ ଅଭାବ ହେତୁ ପରିବାର ଲୋକେ ଧନଞ୍ଜୟଙ୍କୁ ନେଇ ଗାଁକୁ ଚାଲି ଆସିଥିଲେ। କୁଲି ମଜୁରି ଖଟି ପରିବାର ଚଳାଉଥିବା କାଶୀନାଥ ଏତେ ଟଙ୍କା କୋଉଠି ଆଣିବେ ସେ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ସରକାରୀ ଓ ବେସରକାରୀ ବଦାନ୍ୟବ୍ୟକ୍ତିଙ୍କ ସାହାଯ୍ୟ ତାଙ୍କ ପୁଅକୁ ରୋଗମୁକ୍ତ କରିପାରିବ ବୋଲି ଆଶା ରଖିଥିବା କାଶୀନାଥ ପୁଅ ପାଇଁ ବିଭିନ୍ନ ସ୍ତରରେ ନିବେଦନ କରୁଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ

ବୁଗୁଡ଼ା,୮।୩(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍‌ର ଗୋଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପାଳ ଦୋରା (୭୦) ଙ୍କ ରବିବାର ପରଲୋକ ଘଟିଛି। ପୋପାଳ ୪ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜନତା ଦଳରୁ ରାଜନୀତି ଜୀବନ ଆରମ୍ଭ କରି ବହୁ ବର୍ଷ ଧରି ବୁଗୁଡ଼ା ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ ତୁଲାଇ ସରକାର ପରିବର୍ତ୍ତନ ପରେ ଭାଜପାରେ ସାମିଲ ହୋଇଥିଲେ। ପୂର୍ବରୁ ତାଙ୍କର ହାର୍ଟ ଅପରେଶନ ହୋଇଥିଲା ବେଳେ କିଛି ଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଶନିବାର ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ତେବେ ରବିବାର ସକାଳ ୭ଟାରେ ତାଙ୍କର ବିୟୋଗ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି।

## ମାରାଥନ ଦୌଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସ

ପାରଳାଖେମୁଣ୍ଡି,୮।୩(ଗିରିଧାରୀ ପରିଚ୍ଛା)


ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ନେଇ ବାହାରିଥିବା ମାରାଥନ ଦୌଡ।

ରାଜ୍ୟ ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ମାର୍ଚ୍ଚ ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ଗଜପତି ଜିଲା ପାଳାଖେମୁଣ୍ଡିରେ ପାଳିତ ହୋଇଛି। ରବିବାର ତୃତୀୟ ଦିବସରେ ମାରାଥନ ଦୌଡ ଅନୁଷ୍ଠିତ ହୋଇ ତିନିଦିନିଆ ଉତ୍ସବ ଶେଷ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ମାଧବ ନନ୍ଦ ନାୟକ, ସହକାରୀ ଜିଲାପାଳ ତଥା ଜିଲା କ୍ରୀଡା ଅଧିକାରୀ ତ୍ରିନାଥ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲା ପ୍ରକଳ୍ପ ପରିଚାଳକ ଟିମନ ବାରା ଉପସ୍ଥିତ ଥିଲେ।

ଶେଷ ଦିବସରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ଶୀର୍ଷକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମାରାଥନ ଦୌଡ଼ ମହାରାଜା ରାଜପ୍ରସାଦଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତ ମହିଳା ଓ ଛାତ୍ରୀଙ୍କୁ ନିଜର ସୁରକ୍ଷା, ନେତୃତ୍ୱ ଉପରେ ସଚେତନ କରାଯାଇ ଆତ୍ମରକ୍ଷା ପ୍ରଦର୍ଶନ ଏବଂ ତାଲିମ ସମ୍ପର୍କରେ ଅବଗତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ମହିଳା ପୋଲିସ କର୍ମଚାରୀ, ଏନଜିଓ, ମହିଳା ଖେଳାଳି ଏବଂ ପ୍ରଶିକ୍ଷାର୍ଥୀମାନେ ସାମିଲ ହୋଇଥିଲେ। ଶାରିରୀକ କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ର, ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

